ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୯ ସେପ୍ଟେମ୍ବର, ୨୦୨୩



**କ୍ରୀଡ଼ା ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା**

ଚନ୍ଦାହାଣ୍ଡି,(ଦିଲୀପ ଦାସ)- ଚନ୍ଦାହାଣ୍ଡି ସରକାରୀ ପାନାବେଡ଼ା ହାଇସ୍କୁଲରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବାକୁ ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ବସ୍ ଓଲଟି ଉମରକୋଟର କ୍ରୀଡ଼ା ଶିକ୍ଷକ ପ୍ରଭାସ କୁମାର ଜେନାଙ୍କ ବୁଧବାର ମୃତ୍ୟୁ ହୋଇଛି। ଏଥିରେ ୩୮ ଜଣ ଆହତ ହୋଇଥିଲେ। ଗୁରୁବାର ମୃତ କ୍ରୀଡ଼ା ଶିକ୍ଷକଙ୍କ ଆତ୍ମାର ସଦ୍‌ଗତି ନେଇ ସରକାରୀ ପାନାବେଡ଼ା ଉଚ୍ଚ ବିଦ୍ୟାଳୟରେ ସ୍ମୃତିସଭା କରାଯାଇଛି। ଏଥିସହ ଆହତ ଛାତ୍ରୀଛାତ୍ରଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ପାନବେଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶରତ ମାଝି, ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମର ସିଂ ନାୟକ, ଦଲବେଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ମଲିକଙ୍କ ସମେତ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ନନ୍ଦାହାଣ୍ଡି,୨୮।୯ (ପ୍ରଦୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ପଖନାଗୁଡ଼ା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ବନୁ ହରିଜନଙ୍କ ପୁଅ ଯାଦବ ହରିଜନ(୯)। ଯାଦବ ଗୁରୁବାର ମଧ୍ୟାହ୍ନରେ ସାଙ୍ଗମାନଙ୍କ ସହ ଗ୍ରାମରେ ଥିବା ସ୍କୁଲ ପଛପାଖ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଗାଧୋଇବାବେଳେ ସେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ନ ବାହାରିବାରୁ ଅନ୍ୟମାନେ ଖୋଜାଖୋଜି କରି ଗାଁ ଲୋକଙ୍କ ଡାକିଥିଲେ। ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। କିନ୍ତୁ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ଯାଦବଙ୍କୁ ଉଦ୍ଧାରକରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ୨୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଶୁଭେନ୍ଦୁ କୁମାର ବେହେରା ସୂଚନା ଦେଇଛନ୍ତି।

### କାର୍ଯ୍ୟରେ ଯୋଗଦେଲେ ନୂତନ ଫାଣ୍ଡି ଅଧିକାରୀ

ଡାବୁଗାଁ, ୨୮।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)



ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ସିଂସାରି ଫାଣ୍ଡିରେ ଗୁରୁବାର ନୂତନ ଫାଣ୍ଡି ଅଧିକାରୀ ଭାବେ ଶିଶିରକାନ୍ତ ଘୋଷ ଯୋଗଦେଇଛନ୍ତି। ସେ ପୂର୍ବରୁ ଡାବୁଗାଁ ଥାନା ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିଲେ। ପୂର୍ବତନ ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ହାଲୱାଙ୍କର ଡାବୁଗାଁ ଥାନାକୁ ବଦଳି ହୋଇଛି। ପୂର୍ବତନ ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ହାଲୱା ମଧ ଗୁରୁବାର ଡାବୁଗାଁ ଥାନାରେ ଏଏସ୍‌ଆଇ ଭାବେ ଯୋଗ ଦେଇଛନ୍ତି।

### ଡିଇଓଙ୍କୁ ରିପୋର୍ଟ ମାଗିଲେ ରାଜ୍ୟ ମାନବାଧିକାର କମିଶନ

#### ଶିକ୍ଷୟିତ୍ରୀଙ୍କ ବିରୋଧରେ ମାନବାଧିକାର କ୍ଷୁଣ୍ଣ ଅଭିଯୋଗ

ନବରଙ୍ଗପୁର,୨୮।୯(ସଦାଶିବ ପ୍ରହରାଜ)

ଜଣେ ଛାତ୍ରୀଙ୍କୁ ଆକ୍ରୋଶମୂଳକଭାବେ ବିଦ୍ୟାଳୟ ଶ୍ରେଣୀଗୃହରୁ ବାହାର କରିବା ନେଇ ଟିକରାପାଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ବେହେରାଙ୍କ ବିରୋଧରେ ପାପଡ଼ାହାଣ୍ଡିର ସାମାଜିକ କର୍ମୀ ବିଭୂତି ପ୍ରସାଦ ପଣ୍ଡା ଅଗଷ୍ଟ ୨୬ରେ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିଥିଲେ। ଏନେଇ ୨୩୮୨/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଡିଇଓଙ୍କୁ ନଭେମ୍ବର ୨୩ ସୁଦ୍ଧା ରିପୋର୍ଟ ପ୍ରଦାନ ପାଇଁ ରାଜ୍ୟ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଶିକ୍ଷୟିତ୍ରୀ ଅଗଷ୍ଟ ୨୧ରେ ସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ମିକିତା ଧାଙ୍ଗଡ଼ା ମାଝିଙ୍କୁ ଶିକ୍ଷୟିତ୍ରୀ ଆକ୍ରୋଶମୂଳକଭାବେ ଶ୍ରେଣୀ ପାଠପଢ଼ାରୁ ବଞ୍ଚିତ କରାଇ ଲାଇବ୍ରେରି ରୁମ୍‌କୁ ପଠାଇଦେଇଥିଲେ। ଛାତ୍ରୀଙ୍କୁ ଶ୍ରେଣୀଗୃହରେ ପ୍ରବେଶ କରାଇ ନ ଦେବାରୁ ସେ ବାଧ ହୋଇ ଘରକୁ ଫେରି ଆସିଥିଲେ। ଜଣେ ଛାତ୍ରୀଙ୍କ ଶିକ୍ଷା ଅଧିକାର ଓ ମାନବାଧିକାର କ୍ଷୁଣ୍ଣ ହୋଇଥିବା ନେଇ ପାପଡ଼ାହାଣ୍ଡିର ସାମାଜିକ କର୍ମୀ ବିଭୂତି ପ୍ରସାଦ ପଣ୍ଡା ଅଗଷ୍ଟ ୨୬ରେ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିଥିଲେ। ଶିକ୍ଷୟିତ୍ରୀ ଦୁର୍ବ୍ୟବହାର କରୁଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଗ୍ରାମବାସୀ ଅଭିଯୋଗ ଆଣିଥିଲେ।

# ପଞ୍ଚାୟତ ଅଣସଂରକ୍ଷିତ ପାଣ୍ଠିରୁ ଶିଶୁଙ୍କ ବିକାଶ ପାଇଁ ମିଳିବ ଅର୍ଥ

ନବରଙ୍ଗପୁର, ୨୮।୯ (ସଦାଶିବ ପ୍ରହରାଜ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶାନୁଯାୟୀ ଗୁରୁବାର ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ବ୍ଲକ ଓ ୧୯୮ ପଞ୍ଚାୟତରେ ଶିଶୁ ସୁରକ୍ଷା କମିଟି ଓ ବାଲ୍ୟବିବାହ ଟାସ୍କଫୋର୍ସ ଗଠନ ହୋଇ ଅନୁରୂପ ବୈଠକ କରାଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସୂଚନା ଦେଇଥିଲେ। ଚଳିତ ବର୍ଷରେ ଜିଲାରେ ମୋଟ ୩୪୪ ବାଲ୍ୟବିବାହ ବନ୍ଦ କରାଯାଇଛି ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ସୂଚନା ଦେଇଛନ୍ତି।





ବୈଠକରେ ଜିଲାପାଳଙ୍କ ସମେତ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ସମାଜ କଲ୍ୟାଣ ବିଭାଗ, ୟୁନିସେଫ ଓ ଆକ୍ସନଏଡ୍‌ର ମିଳିତ ପ୍ରୟାସରେ ଗ୍ରାମଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ଜିଲା ସମାଜ କଲ୍ୟାଣ ଅଧିକାରୀ ସୂଚନା ଦେଇଥିଲେ। ଆକ୍ସନଏଡ ଜିଲା ପରାମର୍ଶଦାତା ଫକିର ଚରଣ ରାଉତ ଶିଶୁମାନଙ୍କର ସୁରକ୍ଷା ଓ ବାଲ୍ୟବିବାହ ସମାପ୍ତ ଉଦ୍ଦେଶ୍ୟରେ ଜିଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ବୈଠକରେ ଉପସ୍ଥାପନା କରିଥିଲେ। ସିଆର୍‌ଏସ୍‌ର ମନୋରଞ୍ଜନ ଦାସ ମିଶନ ବାତ୍ସଲ୍ୟ ଅନୁଯାୟୀ ପଞ୍ଚାୟତ ବିକାଶ ଯୋଜନାର ୫ ପ୍ରତିଶତ ପାଣ୍ଠି ଅର୍ଥ ଶିଶୁଙ୍କ ନିମନ୍ତେ ଖର୍ଚ୍ଚ କରାଯିବା ପ୍ରାବଧାନ ଉପରେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତ ବିକାଶ ଯୋଜନାରେ ଅଣସଂରକ୍ଷିତ ପାଣ୍ଠିରୁ ଶିଶୁଙ୍କ ବିକାଶ ପାଇଁ ୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି କହିଥିଲେ। ଶିଶୁ ଶ୍ରମିକ ଆଇନ ବିଭିନ୍ନ ଦିଗ ଉପରେ ଜିଲା ଶ୍ରମାଧିକାରୀ ରଞ୍ଜନ ବେହେରା ଆଲୋକପାତ କରିଥିଲେ। ନିର୍ମାଣ ଶ୍ରମିକଙ୍କ ପିଲାଙ୍କ ପାଠପଢ଼ା ନିମନ୍ତେ ଦିଆଯାଉଥିବା ଛାତ୍ରବୃତ୍ତି ଓ ସେମାନଙ୍କ ପରିବାରର ୧୯ ବର୍ଷରୁ ଊର୍ଦ୍ଧ୍ୱ ବାଳିକାଙ୍କ ବିବାହ ପାଇଁ ଦିଆଯାଉଥିବା ଆର୍ଥିକ ସହାୟତା ରାଶିର ପ୍ରାବଧାନ ଉପରେ ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଡିଆଇପିଆର୍‌ଓ ହଳଧର ନିଆଲ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟାଧିକାରୀ ମଳୟ ପଣ୍ଡା, ବିଡିଓ ଲୋକନାଥ ମିଶ୍ର, ହିମାଞ୍ଚଳ ମାଝି, ରମେଶ ରାୟ, ମହିଳା ସୁରକ୍ଷା ଅଧିକାରୀ ପ୍ରେମାଞ୍ଜଳି ପତି, ବାଲ୍ୟବିବାହ ନିଷେଧ ଅଧିକାରୀ ଏସ୍.ଏ ଗୀତା, ଜିଲା ଶିଶୁ ମଙ୍ଗଳ କମିଟି ସଭ୍ୟ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ନନ୍ଦାହାଣ୍ଡି ସିଡିପିଓ ସସ୍ମିତାବାଳା ମହାନ୍ତି ଧନ୍ୟବାଦ ଦେଇଛନ୍ତି।

# ସମାଜ ସଂସ୍କାରରେ ନାଟକର ଆବଶ୍ୟକତା ଅଛି, ରହିବ

## ଓଡ଼ିଶା ନାଟ୍ୟ ସଂଘର ୩୬ତମ ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୨୮।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଂସ୍କୃତି ଭବନରେ ଶତାଧିକ ନାଟ୍ୟପ୍ରେମୀଙ୍କ ଉପସ୍ଥିତିରେ ଓଡ଼ିଶା ନାଟ୍ୟ ସଂଘର ୩୬ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ନାଟ୍ୟକାର ଜଗନ୍ନାଥ ବେହେରାଙ୍କ ଆହ୍ୱାନକ୍ରମେ ବହୁ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ସଙ୍ଗୀତକାର ଓ କଳାକାରମାନେ ଯୋଗଦେଇଥିଲେ। ସେମାନେ ନାଟକର ଅତୀତ ଏବଂ ଭବିଷ୍ୟତ ଉପରେ ନିଜ ଅନୁଭୂତି ଏବଂ ମତାମତ ସହ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଡିଆଇପିଆର୍‌ଓ ହଳଧର ନିହାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜ ସଂସ୍କାର ପାଇଁ ନାଟକର ଆବଶ୍ୟକତା ଅଛି, ରହିବ ବୋଲି ମତ ଦେଇଥିଲେ। ନାଟକ ଏକ କଳା। ଯେଉଁଠି ଗୀତ, ନାଟକ, ସଂଳାପ ଥାଏ ଯାହାକୁ ଜଣେ ବଧିର , ମୂକ ଏବଂ ଦୃଷ୍ଟି ଶକ୍ତି ହରାଇଥିବା ବ୍ୟକ୍ତି ବି ଉପଭୋଗ କରିପାରିବେ ବୋଲି ଅନ୍ୟତମ ଅତିଥିଭାବେ ଯୋଗଦେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ କହିଥିଲେ। ସରକାର ଆପଣଙ୍କ ପାଇଁ, ଆପଣଙ୍କ ସାଥିରେ ଅଛନ୍ତି ବୋଲି ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ମତ ଦେଇଛନ୍ତି। କଳା ଭଗବାନଙ୍କ ଦତ୍ତ, ଏହା ସମାଜ ସେବା ପାଇଁ ଉଦ୍ଦିଷ୍ଟ ବୋଲି ମୁଖ୍ୟ ବକ୍ତାଭାବେ ଯୋଗଦେଇ ଦିଲୀପ ହୋତା କହିଛନ୍ତି। ଅନ୍ୟତମ ବକ୍ତା ଭାବେ ଗୋକୁଳ ଖାଡଙ୍ଗା, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ବିନାୟକ ଖାଡଙ୍ଗା ଯୋଗଦେଇଥିଲେ। ନାଟ୍ୟକାର ପ୍ରକାଶ ସାମନ୍ତରାୟ, ରଘୁନାଥ ଶତପଥୀ, ବରିଷ୍ଠ ବକ୍ତା ନିରଞ୍ଜନ ମିଶ୍ର, ଅଭିନେତା ବିଭୁଦତ୍ତ ସେଠୀଙ୍କ ସହ ପର୍ଶୁରାମ ସାହୁ, ସଞ୍ଜୀବ ସିଂ, ସୁରେଶ ମିଶ୍ର, ନିରଞ୍ଜନ ବିଶ୍ୱାଳ, ଦେବୀପ୍ରସାଦ ତ୍ରିପାଠୀ, ଚିଦା ପଟ୍ଟନାୟକ ନିଜ ଅନୁଭୂତି ବଖାଣିଥିଲେ। ୧୧ କୋଟି ଟଙ୍କାରେ ନବରଙ୍ଗପୁରରେ ୨.୫୦ ଏକର ଜାଗାରେ ଅତ୍ୟାଧୁନିକ ଭବ୍ୟ ଅଡିଟୋରିୟମ ତିଆରି ହବାକୁ ଯାଉଛି ବୋଲି ସମ୍ମାନିତ ଅତିଥି ବାଲାଜୀ ସାହୁ କହିଥିଲେ। ଜଗନ୍ନାଥ ବେହେରା ଧନ୍ୟବାଦ ଦେଇଥିଲେ।

# ପିଇବା ପାଣି ପାଇଁ ରାସ୍ତାରୋକୋ





ରାସ୍ତାରୋକୋରେ ସାମିଲ ହୋଇଥିବା ମହିଳା, ପୁରୁଷମାନେ।

ନବରଙ୍ଗପୁର,୨୮।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରର ଧୋବାସାହିରେ ଡ୍ରେନ୍ ମଧ୍ୟରେ ବିଛାଯାଇଛି ପିଇବା ପାଣି ପାଇପ। ଉକ୍ତ ପାଇପ୍ ବିଛାଇବାର ପ୍ରାୟ ୬ ମାସ ବିତିଥିଲେ ମଧ ଯୋଗାଣ ହୋଇପାରୁନାହିଁ ପିଇବା ପାଣି। ଫଳରେ ଗୁରୁବାର ବାଧହୋଇ ସାହି ବାସିନ୍ଦା ରାସ୍ତାରୋକୋ କରିଥିଲେ। ରାସ୍ତାରୋକୋର ପ୍ରାୟ ୧ ଘଣ୍ଟା ପରେ ବିଭାଗୀୟ ଯନ୍ତ୍ରୀ ଆସି ସାହି ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ୧ ମାସ ମଧ୍ୟରେ ନୂତନ ଡ୍ରେନ ନିର୍ମାଣ ପରେ ପାଇପ ସଂଯୋଗ କରାଯାଇ ଘରକୁ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ଡ୍ରେନ୍ ମଧ୍ୟ ଦେଇ ପାଣି ପାଇପଗୁଡ଼ିକ ବିଛାଯାଇଛି। ଡ୍ରେନ୍ ମଧ୍ୟରେ ପାଇପଗୁଡ଼ିକ ଥିବାରୁ ବର୍ଷା ହେଲେ ଡ୍ରେନ୍‌ରେ ପାଣି ଯାଇ ନ ପାରି ଘରେ ଡ୍ରେନ ପାଣି ପଶୁଛି। ନୂତନ ସଂଯୋଗ ପାଇପରେ ପାଣି ଯୋଗାଣ ହେଉ ନ ଥିବାରୁ ସାହି ବାସିନ୍ଦା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି କି ପୌର ପରିଷଦ ପକ୍ଷରୁ ନୂତନ ଡ୍ରେନ୍ ନିର୍ମାଣ କରିବା ପାଇଁ ଚାହିଁଲେ ମଧ ଏହା ମଧ୍ୟରେ ପାଇପ ଥିବା ଯୋଗୁ ନୂତନ ଡ୍ରେନ୍ ନିର୍ମାଣ ହୋଇପାରୁ ନାହିଁ। ଏ ନେଇ ବିଭାଗୀୟ କାର୍ଯ୍ୟାଳୟରେ ବାରମ୍ବାର ଦାବି ପରେ ବି କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଅଭିଯୋଗ କରି ରାସ୍ତାରୋକୋ କରାଯାଇଛି। ରାସ୍ତାରୋକୋ ବେଳେ ଆକାଶ ନାୟକ, ପପୁନ ନାୟକ, ସାନ ନାୟକ, ସନ୍ତୋଷ ନାୟକ, ପ୍ରସାଦ ନାୟକ, ଅଜୟ ମହାରଣା, ଜିତୁ ନାୟକଙ୍କ ସମେତ ସାହିର ଅନେକ ମହିଳା, ପୁରୁଷ ଉପସ୍ଥିତ ଥିଲେ।

# ମହମ୍ମଦ ଜୟନ୍ତୀରେ ଖାଦ୍ୟ, ପାନୀୟ ବାଣ୍ଟିଲା ହିନ୍ଦୁ ସମାଜ

ପାପଡ଼ାହାଣ୍ଡି,୨୮।୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦରରେ ଗୁରୁବାର ମହମ୍ମଦ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମୁସଲମାନ ଭାଇ ଓ କୁନିକୁନି ପିଲାମାନେ ମସ୍‌ଜିଦ୍ ପରିସରରେ ଏକତ୍ରିତ ହୋଇ ପ୍ରାର୍ଥନା କରିଥିଲେ। ଦେଶବାସୀଙ୍କ ପାଇଁ ଖୁସି ଓ ଲୋକଙ୍କ ସାହାଯ୍ୟ କରିବା ପାଇଁ ବାର୍ତ୍ତା ମଧ ଦିଆଯାଇଥିଲା। ମସ୍‌ଜିଦ୍ ଇମାମ ମହମ୍ମଦ ରାହିଶଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ମସ୍‌ଜିଦରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ହିନ୍ଦୁ ସମାଜ ପକ୍ଷରୁ ସ୍ଥାନୀୟ ଭବାନୀ ଛକରେ ଶୋଭାଯାତ୍ରାରେ ସାମିଲ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଜଳଖିଆ, ମିଷ୍ଟାନ୍ନ, କୋଲ୍ଡ ଡ୍ରିଙ୍କ, ଥଣ୍ଡା ପାଣି ଦିଆଯାଇଛି। ଏହି ସମୟରେ ହିନ୍ଦୁ କମିଟି ସଦସ୍ୟ



ତଥା ପୂର୍ବତନ ସରପଞ୍ଚ ଶିବପ୍ରସାଦ ଅଗ୍ରୱାଲ, ରାଜକିଶୋର ରାଓ, ସୀମାଦ୍ରି ରାଓ, ଏନ୍. ଜନାର୍ଦ୍ଦନ ରାଓ, ନୀଳକଣ୍ଠ ତ୍ରିପାଠୀ, ଭି.ଶ୍ରୀନିବାସ ରାଓ, ଗୌତମ ଅଗ୍ରୱାଲ, ଛବି ସତ୍‌ନାମୀ, ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରା ମସ୍‌ଜିଦ୍‌ରେ ପହଞ୍ଚିବା ପରେ ପରସ୍ପରକୁ ମିଠା ଖୁଆଇଥିଲେ। ଗ୍ରାମର ବୃଦ୍ଧା ଓ ବିଧବାଙ୍କୁ କମ୍ବଳ, ଅର୍ଥ ବଣ୍ଟନ କରାଯାଇଛି। ପିଲାମାନଙ୍କୁ ନେଇ ନାଚ, ଗୀତ ପ୍ରତିଯୋଗିତା କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ଇମାମ ମହମ୍ମଦ ରାହିଶ, ସୁନ୍ନି ରାଜା ଜାମା ମସ୍‌ଜିଦ କମିଟି ସଭାପତି ଅବଦୁଲ୍ ୱାହାବ ଖାଁ ଓ ସମ୍ପାଦକ ସାଏୟାଦ୍ ଗୁଲାମ ହୁସେନ୍ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବଦୁଲ ସତାର ଖାନ, ବାବଲୁ ଖାଁ, ଲାଲ ମହମ୍ମଦ ଖାନ, ଅବଦୁଲ ଅଜିଜ ଖାନ, ଗଫାର ଖାନ, ୱାସିମ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା



ମହମ୍ମଦ ଜୟନ୍ତୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକପ୍ରତିନିଧି ଓ ଅନ୍ୟମାନେ।

ଉମରକୋଟ, ୨୮।୯(ସନ୍ତୋଷ ଶତପଥୀ)

ଉମରକୋଟ ଅଞ୍ଜୁମାନ ଇସଲାମୀୟା କମିଟି ପକ୍ଷରୁ ମହମ୍ମଦଙ୍କ ଜୟନ୍ତୀ ତଥା ଜସ୍ନେ-ଇଦ-ମିଲାଦୁନ-ନବୀ ଉମରକୋଟ ମସଜିଦ ପରିସରରେ ପାଳନ କରାଯାଇଛି। ମୁସଲମାନ ସମ୍ପ୍ରଦାୟର ଯୁବକମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ମସଜିଦ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ଥାନ ଯଦପୁରରୁ ଆସିଥିବା ମୌଲାନ ସୟେଦ ନୁର ମିୟା ଆସରଫ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ବିଶ୍ୱବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟ ପ୍ରାର୍ଥନା କରାଯାଇଛି। ପରେ ମସଜିଦ ପରିସରରେ ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀଙ୍କୁ ନେଇ ଏକ ସଭା କରାଯାଇଛି। ଏଥିରେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ଜୟଦେବ ପରିଡ଼ା, ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପୌରାଧ୍ୟକ୍ଷା ରାଧା ଭଦ୍ରା, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, ନଗର ବିଜେଡି ସଭାପତି କୈଳାସ ନାୟକ, ବିଜେଡି ନେତା ଦେବୀ ସିଂ ମାଝି, ସମସ୍ତ ୱାର୍ଡ଼ର କାଉନସିଲର ଉପସ୍ଥିତ ଥିଲେ। ଉମରକୋଟ ଅଞ୍ଜୁମନ୍ ଇସଲାମିୟା କମିଟି ସଭାପତି ଏମ୍.ଡି ସଲିମ ରାଠୋର, ଉପସଭାପତି ନାସିର ଉଲ୍ଲା ସୁଫି, ସମ୍ପାଦକ ଅଲ୍ଲୀ ଲାଠିଆ, ଯୁଗ୍ମ ସମ୍ପାଦକ ଶେଖ ଅନିସ ସୁନି, ଉପଦେଷ୍ଟା ଇସା ଲାଠିଆ, ୟୁନସ ମାଲକାନି, ପୂର୍ବତନ ସଭାପତି କେ. ଟି. ଏସ୍. ଖିଲାନି, ଯୁବ କମିଟିର ସଭାପତି ସୁଫି ୟାନ ହାଙ୍ଗରା, ଉପସଭାପତି ଶେଖ ସଲମାନ୍, ସମ୍ପାଦକ ଅମିର ଗଣ୍ଡିଲ, କୋଷାଧ୍ୟକ୍ଷ ନାସିର ରାଜା ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ର ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କରେ ଜାଣିଲେ ବିକାଶ ହେବ

ନବରଙ୍ଗପୁର,୨୮।୯(ସଦାଶିବ ପ୍ରହରାଜ)

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଏକ ଆଲୋଚନାଚକ୍ର ନବରଙ୍ଗପୁର ମହାବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀଗୃହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ଉଜ୍ଜ୍ୱଳ କୁମାର ମହାନନ୍ଦିଆ ଓଡ଼ିଶାର ବିଭିନ୍ନ ମନ୍ଦିର ନିର୍ମାଣ ଶୈଳୀ ଏବଂ ଏହାର ପର୍ଯ୍ୟଟନ ବିଶେଷତ୍ୱକୁ ବୃତ୍ତଚିତ୍ର ମାଧ୍ୟମରେ ଉପସ୍ଥାପନା କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ସଂଯୁକ୍ତା ପାଙ୍ଗୀ କୋରାପୁଟ ଜିଲାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ମନଲୋଭା ଚିତ୍ର ଉପସ୍ଥାପନା କରିବା ସହ ଆଦିବାସୀ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ମତ ରଖିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଦିଲୀପ ହୋତା ଲୋକଲୋଚନକୁ ଆସି ନ ଥିବା ନବରଙ୍ଗପୁରର ଟଙ୍ଗ, ହଳଦୀ, ମାଟା ଡଙ୍ଗିରୀ, ବରଗାଁ ଆଦି ପର୍ଯ୍ୟଟନ ସ୍ଥାନର ମହତ୍ତ୍ୱ ସମ୍ପର୍କରେ ଆଲୋଚନାକରି ଏହାକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦେବା ନେଇ କାର୍ଯ୍ୟ କରିବା ସହ ଲୁକ୍କାୟିତଭାବେ ଥିବା ପର୍ଯ୍ୟଟନ କ୍ଷେତ୍ର ଉପରେ ଜିଲାସ୍ତରୀୟ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ଛାତ୍ରୀଛାତ୍ର ଜାଣିଲେ ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ଓ ପ୍ରସାର ହେବ ବୋଲି ଇତିହାସ ବିଭାଗ ମୁଖ ସଂଗୀତା ତ୍ରିପାଠୀ କହିଥିଲେ। ଜୀବବିଜ୍ଞାନ ବିଭାଗର ମୁଖ୍ୟ ଭାନୁମତୀ ସାହୁକାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ମାନସୀ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ଡ. ବିନୋଦ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଖବର ପ୍ରକାଶ ପରେ ହଟାଗଲା ଆବର୍ଜନା

## ଧରିତ୍ରୀ ପ୍ରଭାବ

ନବରଙ୍ଗପୁର,୨୮।୯(ସଦାଶିବ ପ୍ରହରାଜ)



ନବରଙ୍ଗପୁରର ଆଶୀର୍ବାଦ ଓ ପୁଷ୍ପାଞ୍ଜଳି କଲ୍ୟାଣ ମଣ୍ଡପଭାବେ ପରିଚିତ ଥିବା ସ୍ଥାନରେ ପୌର ପରିଷଦ ଡମ୍ପିଂୟାର୍ଡ କରିଛନ୍ତି। ସହରର ମଧ୍ୟଭାଗରେ ଥିବା ଏହି ସ୍ଥାନ ଏବେ ମ୍ୟାଲେରିଆ ଓ ଡେଙ୍ଗୁ ମଶା ପାଇଁ ଉତ୍ତମ ସ୍ଥାନ ହୋଇଛି। ଏ ନେଇ ୨୮ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲାପାଳ କମଳ ଲୋଚନ ମିଶ୍ର ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ଆବର୍ଜନା ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଗୁରୁବାର ମେଶିନ ଲଗାଇ ଆବର୍ଜନା ହଟାଯାଇଛି। ଆବର୍ଜନା ହଟାଇବା ବେଳର ଫଟୋକୁ ପୌର ନିର୍ବାହୀ ଅଧିକାରୀ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ଗାତରେ ଖସିପଡ଼ିଲେ ଅଙ୍ଗନୱାଡି ଛାତ୍ରୀ, ତାଙ୍କ ଭାଇ

## ଖୋଳିଦେଇ ଛାଡ଼ି ଦେଇଛନ୍ତି ଠିକାଦାର

ତେନ୍ତୁଳିଖୁଣ୍ଟି, ୨୮।୯(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଶନିବାରରୁ ପାଇପ ଜଏଣ୍ଟ ଚେକିଂ କରିବାକୁ ସ୍କୁଲ ଗେଟଠାରୁ ମାତ୍ର ଚାରି ହାତ ଦୂରରେ ଏକ ୩ଫୁଟର ଗାତ ଖୋଳିଛନ୍ତି ଠିକାଦାର। ଉକ୍ତ ଗର୍ତ୍ତକୁ ଚିହ୍ନଟ ପାଇଁ କୌଣସି ବାଧକ ରଖା ଯାଇନି। ମାତ୍ର ଗୋଟିଏ ରିବନ ବାନ୍ଧି ଛାଡି ଦେଇଛନ୍ତି। ସେହି ଗାତରେ ଜଣେ ଅଙ୍ଗନୱାଡି ଛାତ୍ରୀ ଗୁରୁବାର ଖସି ପଡ଼ିଥିଲେ। ଉଦ୍ଧାର କରିବାକୁ ଯାଇ ତାଙ୍କ ଭାଇ ମଧ ଗାତରେ ଫଶି ଯାଇଥିଲେ ସେମାନଙ୍କ ବାଟି ଶୁଣି ପାଖରେ ଥିବା ଲୋକେ ସେଠାକୁ ଯାଇ ଉଭୟଙ୍କୁ ଉଦ୍ଧାର କରିଥିଲେ। ଏଭଳି ସ୍ଥିତି ଆଉ ଯେଭଳି ନ ଘଟିବ ସେଥିପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

# କାଳିମେଳା ଅଞ୍ଚଳରେ ବେଧଡ଼କ ଗୋଚାଲାଣ

କାଳିମେଳା, ୨୮।୯(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ ମାଲାଭରମ ପଞ୍ଚାୟତ ଏମ୍‌ଭି-୮୮ ଗ୍ରାମର ବଜରଙ୍ଗ ସଂଘ ସଦସ୍ୟମାନେ ମାଲକାନଗିରି ଜିଲାରୁ ପଡୋଶୀ ଆନ୍ଧ୍ର ପ୍ରଦେଶକୁ ଗୋଚାଲାଣ ବେଳେ ୩୦ରୁ ଊର୍ଦ୍ଧ୍ୱ ଗୋରୁ ଅଟକ ରଖି ମୋଟୁ ଥାନାକୁ ଖବର ଦେଇଥିବା ଜଣାପଡ଼ିଛି। ବୁଧବାର ସକାଳେ ୪ଜଣ ଗୋରୁ ବ୍ୟବସାୟୀ ୩୦ରୁ ଊର୍ଦ୍ଧ୍ୱ ଗୋରୁ ଆନ୍ଧ୍ର ଚାଲାଣ କରୁଥିଲେ। ଏହି ସମୟରେ ଏମ୍‌ଭି-୮୮ ଗ୍ରାମର ଯୁବକମାନେ ଦେଖି ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ।

୩୨୬ ନମ୍ବର ଜାତୀୟ ରାଜପଥ ଗୋ ଚାଲାଣର ମୁଖ୍ୟ ରାସ୍ତା ପାଲଟିଛି। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକଙ୍କ ସହାୟତାରେ ଏହି ବ୍ୟବସାୟୀମାନେ ବେଧଡ଼କରେ ଏହି କାରବାରେ ଚଳାଇଥିବା ଅଭିଯୋଗ ହେଉଛି। ତେବେ ଏ ଦିଗରେ ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଆନ୍ଧ୍ର-ଓଡ଼ିଶାର ସୀମାନ୍ତ ଘର୍ଷାପାଲି ଅଞ୍ଚଳକୁ ନେଇ ଗୋ ବ୍ୟବସାୟୀମାନେ ସହଜରେ ସେଠାରୁ ଆନ୍ଧ୍ରକୁ ଗୋରୁଙ୍କୁ ପଠାଇଥାନ୍ତି। ଲମ୍ବା ଟ୍ରକ୍ ଯୋଗେ ସେମାନେ ଗୋ ଚାଲାଣ କରି ଅନେକବାର ଧରା ପଡିବା ପରେ ଏବେ ପାଦଚଲା ରାସ୍ତାକୁ ବାଛି ବେଧଡ଼କ ଭାବେ ଗୋଚାଲାଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ବ୍ୟବସାୟୀମାନେ ଗୋରୁ କିଣିବା ଓ ବିକିବା ନେଇ କୌଣସି କାଗଜପତ୍ର ହେଉ ନ ଥିବା କହିଛନ୍ତି ବଜରଙ୍ଗ ସଂଘ ସଭାପତି ରଞ୍ଜିତ ମଣ୍ଡଳ ଓ ସମ୍ପାଦକ ରବୀନ୍ଦ୍ର ମଣ୍ଡଳ। ଏ ଦିଗରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ବଜରଙ୍ଗ ଦଳ ସଦସ୍ୟମାନେ ଅଟକ ରଖିଥିବା ଗୋରୁ।

# ଲୋକଙ୍କୁ ସଚେତନ କରିବ ସାଇବର ନିରାପତ୍ତା କ୍ୟାମ୍ପେନ

ନବରଙ୍ଗପୁର,୨୮।୯(ସଦାଶିବ ପ୍ରହରାଜ)

ଦେଶ ଓ ରାଜ୍ୟରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ସାଇବର ଠକମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସତ୍ତ୍ୱେ ଦେଶର ସବୁ ସ୍ଥାନରେ ସାଇବର କ୍ରାଇମ ମାମଲା ବଢୁଛି। ସଚେତନତା ଅଭାବ ଏହାର ପ୍ରମୁଖ କାରଣ। ତେଣୁ ପୋଲିସ ପକ୍ଷରୁ ସଚେତନତା କ୍ୟାମ୍ପେନ ଆରମ୍ଭ କରାଯିବ ବୋଲି ନବରଙ୍ଗପୁର ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ଓ ପୋଲିସର ମିଳିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏସ୍.ସୁଶ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଉକ୍ତ କ୍ୟାମ୍ପେନର ଲୋଗୋ ଓ





ଅଧିକାରୀମାନେ ଲୋଗୋ ଉନ୍ମୋଚନ କରୁଛନ୍ତି।

ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହାର ଥିମ ସଂଗୀତ ମଧ ପ୍ରସାରଣ କରାଯାଇଛି।

ସାଇବର ଅପରାଧ କ'ଣ ଓ ସାଧାରଣ ଜନତା କିପରି ସଚେତନ ରହିବେ ସେ ନେଇ ସଚେତନ କରିବା ଏହି କ୍ୟାମ୍ପେନର ମୁଖ୍ୟ ଲକ୍ଷ୍ୟ। ଆସନ୍ତା ୩୦ରୁ ରାଜ୍ୟରେ ମୋଟ ୩୪ ସାଇବର ସଚେତନତା ରଥ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ନବରଙ୍ଗପୁର ଜିଲାରେ ୨ ଅକ୍ଟୋବରରେ ଏହି ସଚେତନତା ରଥ ଆସି ସାଇବର ଅପରାଧ ଓ ସେଥିରୁ ବର୍ତ୍ତିବାର ଉପାୟ ସମ୍ପର୍କରେ ସଚେତନ କରିବ। ବିଭିନ୍ନ ପ୍ରତିଯୋଗିତା ଓ କର୍ମଶାଳା କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି କ୍ୟାମ୍ପେନ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ନବରଙ୍ଗପୁର ଏସ୍‌ବିଆଇ ମୁଖ୍ୟ ଶାଖାର ଚିଫ୍ ମ୍ୟାନେଜର ରଜତ ପାତ୍ର, ଅତିରିକ୍ତ ଏସ୍‌ପି ପି.କେ.ପଟ୍ଟନାୟକ, ବଟକୃଷ୍ଣ ମିଶ୍ର, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡିଏସ୍‌ପି ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

